ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## ଓଡ଼ିଶା ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା 'ଏପି' ସିରଜ୍‌ର ପୁରସ୍କାର ବିତରଣ ଉତ୍ସବ

## 'ସ୍ୱଳ୍ପ ସଂଚୟ ଆନ୍ଦୋଳନରେ ସମାଜର ପ୍ରତ୍ୟେକ ବର୍ଗ ନିଜକୁ ସାମିଲ କରିବା ଆବଶ୍ୟକ'

: ମନ୍ତ୍ରୀ ଶ୍ରୀ ପୂଜାରୀ

ଭୁବନେଶ୍ୱର, ତା ୧୪/୦୨/୨୦୨୦,

ସାଂପ୍ରତିକ ସମୟରେ ସ୍ୱଳ୍ପ ସଂଚୟ ଆନ୍ଦୋଳନରେ ସମାଜର ପ୍ରତ୍ୟେକ ବର୍ଗ ନିଜକୁ ସାମିଲ କରି ଏକ ସୁରକ୍ଷିତ ଏବଂ ସରଳ ଉପାୟରେ ବ୍ୟକ୍ତିଗତ ଆର୍ଥିକ ପରିଚାଳନାର ମାଧ୍ୟମରେ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ଆବଶ୍ୟକ ବୋଲି ଅର୍ଥ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ ଉଲ୍ଲେଖ କରିଛନ୍ତି ।

ଆଜି ଓଡ଼ିଶା ସରକାରଙ୍କର ଅର୍ଥ ବିଭାଗ, ସ୍ୱଳ୍ପ ସଂଚୟ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଲୋକସେବା ଭବନସ୍ଥିତ ଅର୍ଥ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଓଡ଼ିଶା ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା 'ଏପି' ସିରିଜ୍‌ର ପୁରସ୍କାର ବିତରଣ ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ପୁରସ୍କାର ବିଜୟୀମାନଙ୍କୁ ସେମାନଙ୍କ ପୁରସ୍କାର ରାଶି ପ୍ରଦାନ ଅବସରରେ କହିଲେ ଯେ ଏହି ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା ଆମ ରାଜ୍ୟର ଜମାକାରୀମାନଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇପାରିଛି । ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ରହିବା, ମିତବ୍ୟୟିତା ଅବଲମ୍ବନ କରିବା ସହ ଜନସାଧାରଣଙ୍କ ମଧ୍ୟରେ ସଂଚୟ ମନୋବୃତ୍ତି ଜାଗ୍ରତ କରିବା ପାଇଁ ଏହି ଯୋଜନା ବେଶ୍ ଫଳପ୍ରଦ ପ୍ରମାଣିତ ହୋଇଛି । ମନ୍ତ୍ରୀ ଶ୍ରୀ ପୂଜାରୀ ଜନସାଧାରଣଙ୍କୁ ଅଯଥା ପ୍ରଲୋଭନର ବଶବର୍ତ୍ତୀ ନହୋଇ ଏଭଳି ସୁରକ୍ଷିତ ସଂଚୟ ଯୋଜନାର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ ।

ଅନୁଗୋଳର ଶ୍ରୀ ରାଜେଶ କୁମାର ଗୁପ୍ତା ପ୍ରଥମ ପୁରସ୍କାର, ରାଉରକେଲାର ଶ୍ରୀ ଅଜେୟ କୁମାର ମହାପାତ୍ର ଏବଂ ଶ୍ରୀମତୀ ଶିବାନୀ ମହାପାତ୍ର ଦ୍ୱିତୀୟ, ଦୁଇଟି ତୃତୀୟ ପୁରସ୍କାର ଯଥାକ୍ରମେ ବଲାଙ୍ଗୀରର ଶ୍ରୀମତୀ କେ. ବୈଜୟନ୍ତୀ ପୃଷ୍ଟି, ସୁବର୍ଣ୍ଣପୁରର ଶ୍ରୀ ବଦ୍ରିନାରାୟଣ ପୂଜାରୀ ଗ୍ରହଣ କରିଥିବାବେଳେ ଚାରୋଟି ଚତୁର୍ଥ ପୁରସ୍କାର ଯଥାକ୍ରମେ ଅନୁଗୋଳର ଶ୍ରୀ ଦେବେନ୍ଦ୍ର କୁମାର ଶତପଥୀ ଏବଂ ଶ୍ରୀମତୀ ଶାନ୍ତିଲତା ଶତପଥୀ, ଢେଙ୍କାନାଳର ଶ୍ରୀ ଅଶୋକ ରାୟ, ଖୋର୍ଦ୍ଧାର ଶ୍ରୀମତୀ ରିତା ମିଶ୍ର ଏବଂ ଭଦ୍ରକର ଶ୍ରୀ ରାମଚନ୍ଦ୍ର ସାହୁ ଗ୍ରହଣ କରିଥିଲେ ।

ଏହି ଯୋଜନାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଦୁଇଟି ଚତୁର୍ଥ ପୁରସ୍କାର ରାଶି ଯଥାକ୍ରମେ ୫ ଲକ୍ଷ, ୩ ଲକ୍ଷ, ୧ ଲକ୍ଷ ଏବଂ ୫୦ ହଜାର ଟଙ୍କାର ବ୍ୟବସ୍ଥା ରହିଛି । ଆୟକର ନିୟମ ଅନୁଯାୟୀ ପୁରସ୍କାର ରାଶିର ୩୦ ପ୍ରତିଶତ ଅର୍ଥ ଆୟକର ବାବଦକୁ କାଟି ବଳକା ରାଶି ପୁରସ୍କାର ବିଜୟୀମାନଙ୍କୁ ପ୍ରଦାନ କରାଯାଇଥିଲା ।

ଏହି ଉତ୍ସବରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ କେ. ମୀନା, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ରବିନାରାୟଣ ମହାନ୍ତି, ଶ୍ରୀ ପ୍ରଦୀପ କୁମାର ବିଶ୍ୱାଳ, ଶ୍ରୀ ବିଭାସ କାନୁନ୍‌ଗୋ, ଶ୍ରୀ ପ୍ରଦୀପ୍ତ କୁମାର ନନ୍ଦ, ଶ୍ରୀ ନିଧି କୁମାର ରାଉତରାୟ, ଯୁଗ୍ମ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ରାଉତ ଓ ସ୍ୱଳ୍ପ ସଂଚୟ ସହନିର୍ଦ୍ଦେଶକ ଶ୍ରୀ ଦୀନବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ସ୍ୱଳ୍ପ ସଂଚୟ ନିର୍ଦ୍ଦେଶକ ଶ୍ରୀ ପ୍ରଫୁଲ୍ଲ କୁମାର ରାଉତ ସ୍ୱାଗତ ଭାଷଣ ଦେବା ସହ ସମସ୍ତ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଅର୍ଥ ବିଭାଗର ସ୍ୱଳ୍ପ ସଂଚୟ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଧିକାରୀ ଶ୍ରୀ ରଞ୍ଜନ କୁମାର ଦାଶ ଓ ଶ୍ରୀ ସୁକାନ୍ତ କୁମାର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଦୀପ୍ତିମୟୀ ମହାପାତ୍ର
ସୂଚନା ଅଧିକାରୀ